## ଏନ୍‌ଇଇଟିରେ ବିଫଳତା

## ପୁଅର ଆତ୍ମହତ୍ୟା ପରେ ବାପାଙ୍କ ମୃତ୍ୟୁ

**ଚେନ୍ନାଇ,୧୪।୮:** ମେଡିକାଲ ପଢ଼ିବା ପାଇଁ ଏନ୍‌ଇଇଟି ପରୀକ୍ଷାରେ ୨ଥର ବିଫଳ ହେବା ପରେ ଜଣେ ଛାତ୍ର ରବିବାର ଆତ୍ମହତ୍ୟା କରିଥିଲେ। ପୁଅ ମୃତ୍ୟୁରେ ଭାଙ୍ଗିପଡ଼ି ସୋମବାର ବାପା ମଧ୍ୟ ଆଖି ବୁଜିଛନ୍ତି। ତାମିଲନାଡୁର କ୍ରୋମପେଟ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ପି. ସେଭାଲେସେକର ଏବଂ ତାଙ୍କ ପୁଅ ଜଗଦେଶ୍ୱରନ୍। ଜଗଦେଶ୍ୱରନ୍ ୨୦୨୨ରେ ଦ୍ୱାଦଶ ଶ୍ରେଣୀ ଶିକ୍ଷା ଶେଷ ପରେ ଦୁଇ ଥର ଏନ୍‌ଇଇଟି ପରୀକ୍ଷା ଦେଇ ବିଫଳ ହୋଇଥିଲେ। ଏଥିରେ ମ୍ରିୟମାଣ ହୋଇ ସେ ଆତ୍ମହତ୍ୟା କରିଥିଲେ। ଘଟଣାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଦୁଃଖ ପ୍ରକାଶ କରିବା ସହ ଏନ୍‌ଇଇଟି ପରୀକ୍ଷା ରଦ୍ଦ ହେବା ଉଚିତ ବୋଲି କହିଛନ୍ତି। ଏନ୍‌ଇଇଟି ଯାହା ଆପଣମାନଙ୍କ ପ୍ରଗତିରେ ବାଧା ସୃଷ୍ଟି କରୁଛି ତାହା ବନ୍ଦ ହେବ। ରାଜ୍ୟ ସରକାର ଏ ଦିଗରେ ଆଇନଗତ ପଦକ୍ଷେପ ନେବା ପାଇଁ କାମ କରୁଥିବା ଷ୍ଟାଲିନ୍ କହିଛନ୍ତି।

## ଲକ୍ଷ୍ମୀପୁର ଖେରୀ ଗଣବଳାତ୍କାର ମାମଲା

## ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ଲକ୍ଷ୍ମୀପୁର ଖେରୀ,୧୪।୮:** ଦୀର୍ଘ ଏକ ବର୍ଷ ପରେ ବହୁ ଚର୍ଚ୍ଚିତ ଲକ୍ଷ୍ମୀପୁର ଖେରୀ ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ପୋକ୍ସୋ କୋର୍ଟ ଏହି ଘଟଣାରେ ଚାରି ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣକୁ ସୁନୀଲ ଓ ଜୁନାଇଦଙ୍କୁ ଆଜୀବନ କାରାଦଣ୍ଡ ସହ ୪୬ ହଜାର ଲେଖାଏଁ ଅର୍ଥଦଣ୍ଡ ଦେଇଛନ୍ତି। ସେହିପରି ଅନ୍ୟ ଦୁଇ ଜଣଙ୍କୁ ୬ ବର୍ଷ ଜେଲ୍ ସହ ୫ ହଜାର ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ୨୦୨୨ ସେପ୍ଟେମ୍ବର ୨୪ ତାରିଖରେ ଲକ୍ଷ୍ମୀପୁର ଖେରୀ ଅଞ୍ଚଳର ଦୁଇ ଦଳିତ ନାବାଳିକା ଭଉଣୀଙ୍କୁ ଗଣବଳାତ୍କାର ପରେ ଅତି ଅମାନୁଷିକ ଭାବେ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ କରିବା ସହ ୬ ଜଣଙ୍କ ସମ୍ପୃକ୍ତି ନେଇ ଚାର୍ଜଶିଟ୍ ଦାଖଲ କରିଥିଲେ।




## ୧୧ ଜିଲାରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୧୪।୮(ଅନୁରାଧା ମହାରଣା)**

ଜୁନ୍ ୧ରୁ ଅଗଷ୍ଟ ୧୪ ମଧ୍ୟରେ ରାଜ୍ୟରେ ମୋଟ ୬୬୪.୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୭୨୪.୮ ମିମିଠାରୁ ଯଥେଷ୍ଟ କମ୍ ରହିଛି। କେବଳ ବୌଦ୍ଧ ଜିଲାରେ ମାତ୍ରାଧିକ ବର୍ଷା ହୋଇଛି। କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଆଦି ୧୧ଟି ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଅବଶିଷ୍ଟ ୧୮ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## 'ଫ୍ଲୁ' ବିପଦକୁ ଏଡ଼ାଇଥାଏ ୪-ଇନ୍-୧ ଫ୍ଲୁ ଭ୍ୟାକ୍ସିନେଶନ

**ଭୁବନେଶ୍ୱର, ୧୪।୮(ଅସମାପିକା ସାହୁ)**

ବର୍ଷା ଋତୁରେ ଇନ୍‌ଫ୍ଲୁଏଞ୍ଜା ବା ସଂକ୍ରମଣ ବୃଦ୍ଧି ପାଇଥାଏ। ତେଣୁ ପିଲାମାନଙ୍କୁ ଏହି ଫ୍ଲୁଠାରୁ ସୁରକ୍ଷିତ ରଖିବା ଗୁରୁତ୍ୱପୂର୍ଣ୍ଣ। କାରଣ ୫ବର୍ଷରୁ କମ୍ ବୟସର ଶିଶୁ, ଆଜ୍‌ମା, କିଡ୍‌ନୀ ରୋଗ, ହୃଦ୍‌ରୋଗରେ ପୀଡ଼ିତ ଶିଶୁଙ୍କ ପ୍ରତି ଫ୍ଲୁ ଜଟିଳତାର ବିପଦ ଆଶଙ୍କା ଅଧିକ ରହିଥାଏ। ଏପରିକି ହସ୍ପିଟାଲରେ ଭର୍ତ୍ତି ହେବାର ସମ୍ଭାବନା ରହିଥାଏ ବୋଲି ଜଗନ୍ନାଥ ହସ୍ପିଟାଲର ଡା. ବିଶ୍ୱଜିତ ମିଶ୍ର କହିଛନ୍ତି। ନିଜର ପିଲାଙ୍କୁ ଫ୍ଲୁଠାରୁ ସୁରକ୍ଷିତ ରଖିବା ପାଇଁ ଟିକାକରଣ କରାଇବାକୁ ଡା. ମିଶ୍ର ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ୪-ଇନ୍-୧ ବାର୍ଷିକ ଫ୍ଲୁ ଟିକାକରଣ ନିମୋନିଆ କିମ୍ବା ବ୍ରୋଙ୍କାଇଟିସ୍ ଭଳି ଫ୍ଲୁଜନିତ ଜଟିଳତାଗୁଡ଼ିକୁ ରୋକିପାରେ। ଶିଶୁଙ୍କ ଟିକାକରଣ କରାଇ ଆମେ ସେମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିବା ଓ ସାମଗ୍ରିକ ସୁସ୍ଥତା ପ୍ରତି ଯୋଗଦାନ ଦେଇପାରିବା। ଏଥିସହ ଚିକିତ୍ସକୀୟ ପରାମର୍ଶ ଓ ବାର୍ଷିକ ଫ୍ଲୁ ଟିକାକରଣ ସମ୍ପର୍କରେ ନିଜ ଡାକ୍ତରଙ୍କ ସହ ଆଲୋଚନା କରିବା ଉଚିତ। ତାଙ୍କ କହିବାନୁସାରେ, ୪ପ୍ରକାର ଭୂତାଣୁ ରହିଛି, ଯାହାକି ଇନ୍‌ଫ୍ଲୁଏଞ୍ଜାର କାରଣ ହୋଇଥାଏ। ଏହାକୁ ସାଧାରଣତଃ ଫ୍ଲୁ କୁହାଯାଇଥାଏ। ଫ୍ଲୁ ଭୂତାଣୁ ନାକ, ଗଳା ଓ ବେଳେ ବେଳେ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାନ୍ତି। ଫ୍ଲୁ ଜଟିଳତା ମଧ୍ୟରେ ବ୍ୟାକ୍ଟେରିଆଲ ନିମୋନିଆ, କାନ ଓ ସାଇନସ୍ ଇନ୍‌ଫେକ୍ସନ ଏବଂ ଚିକିତ୍ସା ଅବସ୍ଥା ଅତ୍ୟଧିକ ଖରାପ ହେବା ଆଦି ରହିଛି। ଜଣେ ଶିଶୁର ବିକଶିତ ରୋଗ ପ୍ରତିରୋଧକ ଶକ୍ତି ଏବଂ ଜଣେ ବୟସ୍କ ବ୍ୟକ୍ତିଙ୍କ ଦୁର୍ବଳ ହେଉଥିବା ରୋଗ ପ୍ରତିରୋଧକ ଶକ୍ତି ଏଭଳି ଜଟିଳତାଗୁଡ଼ିକ ବିରୋଧରେ ଲଢ଼ିବା ପାଇଁ ସକ୍ଷମ ହୋଇ ନ ଥାଏ। ଏହି ୪ଟି ଭୂତାଣୁ ମଧ୍ୟରୁ ଯେକୌଣସି ଦ୍ୱାରା ସଂକ୍ରମିତ ହେବାର ବିପଦକୁ କମାଇବାର ସବୁଠାରୁ ପ୍ରଭାବୀ ଉପାୟ ହେଉଛି ୪-ଇନ୍-୧ ଫ୍ଲୁ ଭ୍ୟାକ୍ସିନେଶନ। ଇଣ୍ଡିଆନ୍ ଏକାଡେମିକ୍ ଅଫ୍ ପେଡିଆଟ୍ରିକ୍ସ (ଆଇଏପି) ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପରାମର୍ଶ ଦିଆଯାଇଛି ଯେ, ୬ ମାସରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଏବଂ ୫୦ ବର୍ଷରୁ ଅଧିକ ବୟସର ବୟସ୍କ ବ୍ୟକ୍ତିଙ୍କୁ ସଂକ୍ରମଣ ଜଟିଳତାକୁ ରୋକିବା ପାଇଁ ପ୍ରତିବର୍ଷ ଫ୍ଲୁ ଟିକା ଦିଆଯିବା ଉଚିତ।









# ସରକାରୀ ଚାକିରି କରାଇଦେବା ନାଁରେ ୬ଲକ୍ଷ ଠକେଇ

**ବାରଙ୍ଗ,୧୪।୮(ଲିଙ୍ଗରାଜ ରାଉତ):** ସରକାରୀ ଚାକିରି କରାଇଦେବାକୁ କହି ଜଣେ ଯୁବତୀଙ୍କଠାରୁ ୬ଲକ୍ଷ ୮୦ ହଜାର ୬୫୦ଟଙ୍କାରୁ ଉର୍ଦ୍ଧ୍ୱ ଠକି ନେଇଥିବା ଦୁଇ ଯୁବକଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ଗଦାଧରପୁର ଗ୍ରାମର ଅଭିଜିତ୍ ପ୍ରଧାନ ଓ ସଦର ଥାନା ଅଧୀନ ରାୟପୁର ଗ୍ରାମର ଅଚ୍ୟୁତ ପ୍ରଧାନ। ଚନ୍ଦକା ଥାନା ଅଧୀନ ଗୋଠାପାଟଣାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଚାକିରି କରିଥିବା ଜଣେ ଯୁବତୀ ଏମାନଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ।

## ନିବେଶ ନାଁରେ ୭୫ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୧୪।୮ (ସୂର୍ଯ୍ୟକାନ୍ତ ବେହେରା): ନିବେଶ ନାଁରେ ୭୫ ଲକ୍ଷ ଟଙ୍କା ଠକେଇ ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମର ଅକ୍ଷୟ ଗୌଡ। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ପଠାଇଦିଆଯାଇଛି।

## 'ଆଟ୍ ହୋମ୍' କାର୍ଯ୍ୟକ୍ରମ ବାତିଲ

ଭୁବନେଶ୍ୱର, ୧୪।୮
(ଅସମାପିକା ସାହୁ)

ସ୍ୱାଧୀନତା ଦିବସ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ରାଜଭବନରେ ହେବାକୁ ଥିବା 'ଆଟ୍ ହୋମ୍' କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏ ସମ୍ପର୍କରେ ସୋମବାର ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

## ଡେଙ୍ଗୁ ,ମାଲେରିଆ ସମ୍ବନ୍ଧୀୟ ମୃତ୍ୟୁ ତଥ୍ୟ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୮
(ଅଭିଜିତ ଦାସ)

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ,ମାଲେରିଆ ମହାମାରୀ ଜନିତ ରୋଗ ଭାବେ ଘୋଷଣା କରାଯାଇଛି। ସୋମବାର ଦିନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଚିଠିରେ ଉଲ୍ଲେଖ କରାଯାଇଛି। ଚିଠିରେ କୁହାଯାଇଛି କି ଜିଲା ସ୍ତରୀୟ ଡେଙ୍ଗୁ କିମ୍ବା ମାଲେରିଆ ଜନିତ ମୃତ୍ୟୁର ତଥ୍ୟ ଦେବା ସହ ମୃତ୍ୟୁର ତଦନ୍ତ କରାଯିବ। ଜିଲା ସ୍ତରରେ ଏକ ସ୍ୱତନ୍ତ୍ର ଟିମ ମୃତ୍ୟୁର ତଦନ୍ତ ପରେ ଉକ୍ତ ରିପୋର୍ଟ ୫ ଦିନ ମଧ୍ୟରେ ବିଭାଗକୁ ଦିଆଯିବ। ପରେ ବିଭାଗ ସ୍ତରୀୟ ଏକ କମିଟି ଦ୍ୱାରା ଉକ୍ତ ରିପୋର୍ଟକୁ ଯାଞ୍ଚ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।































# ରେଳମନ୍ତ୍ରୀଙ୍କ ଦ୍ୱାରା ଟିଏମ୍‌ସି ବିଲ୍ଡିଂ ଉଦ୍‌ଘାଟିତ

**ଜଟଣୀ,୧୪।୮(ରବୀନ୍ଦ୍ର ନାଥ ମହାକୁଡ଼):** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ (ଜଟଣୀ)ସ୍ଥିତ ରେଲୱେ କାର୍ଯ୍ୟାଳୟରେ ଅତ୍ୟାଧୁନିକ ଟ୍ରେନ ମ୍ୟାନେଜମେଣ୍ଟ ସେଣ୍ଟର (ଟିଏମ୍‌ସି) ବିଲ୍ଡିଂର ଉଦ୍‌ଘାଟନ କରିଛନ୍ତି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପରିସୀମା ମଧ୍ୟରେ ଟ୍ରେନଗୁଡ଼ିକର ଚଳାଚଳ ସମ୍ବନ୍ଧରେ ପ୍ରକୃତ ସମୟ, ଟ୍ରେନ ସ୍ଥିତି ଟ୍ରେନ ମ୍ୟାନେଜମେଣ୍ଟ ସେଣ୍ଟରରୁ ଜଣାପଡିବ। ଏହି ଅବସରରେ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଅମୃତ ଭାରତ ଯୋଜନା ମାଧ୍ୟମରେ ଓଡ଼ିଶାର ୨୫ଟି ଷ୍ଟେଶନର ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଲ୍‌ୱେ ପ୍ରବନ୍ଧକ ଏଚ୍.ଏସ ବାଜୱାଙ୍କ ସମେତ ରେଳମଣ୍ଡଳର ବହୁ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ଦୋକାନରୁ ଚୋରି ଅଭିଯୋଗ

ବୋଲଗଡ଼,୧୪।୮(ଦେବବ୍ରତ ହୋତା)

ବେଗୁନିଆ ଥାନା ଅଧୀନ ସାନପଦର ବିନ୍ଧ୍ୟଗିରି ପାହାଡ଼ ନିକଟ ଏକ ଦୋକାନରୁ ୫ହଜାର ଟଙ୍କା ଓ ୨୦ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ବିନ୍ଧ୍ୟଗିରି ପାହାଡ଼ଠାରେ ଭେରାଇଟି ଦୋକାନ ଦେଇ ପରିବାର ପ୍ରତିପୋଷଣ କରିଆସୁଥିଲେ।

## ଜେସିବି ଜବତ, ଚାଳକ ଗିରଫ

ନିରାକାରପୁର,୧୪।୮
(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଧୀନ ଓଲସିଂହ ପଞ୍ଚାୟତ ଡମଣଭୂମିଠାରେ ଥିବା ଖଜୁରିଆ ପାହାଡ଼ରେ ଦୀର୍ଘ ବର୍ଷ ହେବ ବେଆଇନଭାବେ କୁଣ୍ଡା ପଥର ଖନନ ହେବା ସହିତ ଚାଲାଣ ହେଉଛି। ସୋମବାର ଜଙ୍କିଆ ଥାନା ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଗୋଟିଏ ଜେସିବି ମେଶିନ (ଓଡି ୩୩ ଏବି ୬୫୫୩)ଜବତ କରିଥିବା ବେଳେ ମାଫିଆମାନେ ଫେରାର ହୋଇଯାଇଥିଲେ। ଏଥିସହ ଜେସିବି ଚାଳକ ଦିବ୍ୟ ରଞ୍ଜନ ଭୋଳଙ୍କୁ ଗିରଫ କରାଯାଇଛି। ମାଫିଆମାନେ କେତେଜଣ ରାଜସ୍ୱ କର୍ମଚାରୀଙ୍କୁ ହାତକରି ଉକ୍ତ ପାହାଡ଼ରେ ଖନନ କରୁଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ଏକ ମାମଲା (ନଂ. ୨୬୨/୨୩)ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଜ୍ଞା ରତ୍ନୁମରା କର କହିଛନ୍ତି।
























# ଦେଶ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ ଆହ୍ୱାନ

ପୁରୀ,୧୪।୮ (ଅଜିତ୍ ମହାନ୍ତି)

ଦେଶ ୭୭ତମ ସ୍ୱାଧୀନତା ଦିବସ ପାଳନ କଲାବେଳେ ଦେଶବାସୀଙ୍କ ଆଗରେ ବେକାରି, ଦରବୃଦ୍ଧି, ଭୋକିଲା, ପୁଷ୍ଟିହୀନତା, ସ୍ୱାସ୍ଥ୍ୟ ସମସ୍ୟା, ଧର୍ମଜନିତ ବିବାଦ ଭଳି ବହୁବିଧ ସମସ୍ୟା ଠିଆ ହୋଇଛି। ଗଣତନ୍ତ୍ର, ଧର୍ମ ନିରପେକ୍ଷତା, ସାମାଜିକ ନ୍ୟାୟ, ଆର୍ଥିକ ସାର୍ବଭୌମତ୍ୱ ଓ ସଂଘୀୟ ଢାଞ୍ଚାକୁ କେନ୍ଦ୍ରର ଭାଜପା ସରକାର ଦୁର୍ବଳ କରିଚାଲିଛି। କର୍ପୋରେଟ ଓ ପୁଞ୍ଜିପତିଙ୍କ ଲୁଟ ପାଇଁ ଦେଶର ସମ୍ପଦକୁ ଖୋଲି ଦିଆଯାଇଛି ବୋଲି ସିଆଇଟିୟୁ କୃଷକ ସଭା ଓ କ୍ଷେତ ମୂଲିଆ ୟୁନିଅନ ଅଭିଯୋଗ କରିଛି। ସଂସଦରେ ବିନା ବିତର୍କରେ ଜନବିରୋଧୀ ନୀତିକୁ ବିଲ୍ ମାଧ୍ୟମରେ ମୋଦି ସରକାର ପାରିତ କରୁଛନ୍ତି, ଫଳରେ ରାଜ୍ୟମାନଙ୍କ ସଂଘୀୟ ଢାଞ୍ଚା ଅଧିକାର କ୍ଷୁର୍ଣ୍ଣ ହେଉଛି। ତେଣୁ ସିଆଇଟିୟୁ କୃଷକ ସଭା ଓ କ୍ଷେତ ମୁଲିଆ ୟୁନିଅନ ପକ୍ଷରୁ ବଡ଼ଦାଣ୍ଡରେ ସାମୂହିକ ରାତ୍ରି ଜାଗରଣ କରି ଦେଶ ବଞ୍ଚାଓ ଏବଂ ସମ୍ବିଧାନ ବଞ୍ଚାଓ ସ୍ଲୋଗାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ବନବାସିନୀ ମହାପାତ୍ର, ପୀତବାସ ବେହେରା, ଗୁନା ନାୟକ, ମନୋରଞ୍ଜନ ମହାରଣା ଏବଂ ଶ୍ରୀକାନ୍ତ ପରିଜା ପ୍ରମୁଖ ଶ୍ରମିକ, କୃଷକ, କ୍ଷେତ ମୂଲିଆ, ଛାତ୍ର, ଯୁବକ ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଘେରାଉ

ପିପିଲି,୧୪।୮ (ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଚନ୍ଦ୍ରାଦେଇପୁର ପଞ୍ଚାୟତ କମାକନ୍ତିଆରେ ସୋମବାର ଗ୍ରାମବାସୀ ହେଲ୍ଥ ଅଫିସରକୁ ଘେରିଛନ୍ତି। ପୁରୁଣା ଏଏନ୍ଏମ୍‌ଙ୍କ ୬ ମାସ ବଦଳି ପରେ ନୂଆ ଏଏନ୍ଏମ୍ ନ ଆସିବା ଅଭିଯୋଗ ହୋଇଆସୁଥିଲା। ଫଳରେ ଦେହ ଖରାପ ହେଲେ ଗ୍ରାମବାସୀଙ୍କୁ ୧୦ କି.ମି. ଯିବାକୁ ପଡୁଛି। ଏନେଇ ଅଫିସରଙ୍କୁ କହିବା ପରେ ମଧ୍ୟ ସେ ଶୁଣୁ ନ ଥିବାରୁ ଗ୍ରାମବାସୀ କମାକନ୍ତିଆ ଗସ୍ତରେ ଆସିଥିବା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିନୟ ପଣ୍ଡାଙ୍କୁ ଅଟକ ରଖିଥିଲେ।




























## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଫୁଲନଖରା, ୧୪।୮
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ପୋଲିସ ସୋମବାର ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା ଅଧୀନ ବାଲିଜେରଙ୍ଗ ଗ୍ରାମର ନିରଞ୍ଜନ ସାହୁ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ନିରଞ୍ଜନଙ୍କୁ ହତ୍ୟା କରାଯାଇଛି ବୋଲି ଭାଇ ଜନ୍ମଜୟ ସାହୁ ଅଭିଯୋଗ କରିଛନ୍ତି। ନିରଞ୍ଜନଙ୍କ ସହ ରହୁଥିବା ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

## ଡିପିଏସ୍ କଳିଙ୍ଗରେ ଛାତ୍ର ପରିଷଦର କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ଫୁଲନଖରା, ୧୪।୮
(ସତ୍ୟରଞ୍ଜନ ଦାସମହାପାତ୍ର)

ଅଡାଳିଆସ୍ଥିତ ଡିପିଏସ୍ କଳିଙ୍ଗ ୨୦୨୩-୨୪ ଶିକ୍ଷାବର୍ଷର କନିଷ୍ଠ ଓ ବରିଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଛାତ୍ର ପରିଷଦ ଗଠନ କରାଯାଇଛି। ସେମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ନେତୃତ୍ୱ ପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଗତ ଗୁରୁବାର ଓ ସୋମବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟ ଅତିଥିଭାବେ ଡ. ସୁଧା ମିଶ୍ର ଯୋଗଦେଇ କନିଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଭାରତୀୟ ବାୟୁସେନାର ଉଇଙ୍ଗ୍ କମାଣ୍ଡର ରାଜଲକ୍ଷ୍ମୀ ପୃଥ୍ୱୀରାଜ ପରିଷଦର ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷା ଅନୁରାଧା ରକ୍ଷିତ୍, ପ୍ରୋ ଭାଇସ ଚେୟାରପର୍ସନ ମାଳା ମିଶ୍ର, ସୁନୟନା ପାତ୍ରୋ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବି

**କଣ୍ଟାପଡା, ୧୪।୮ (ସୁରନାରାୟଣ ସାହୁ):** ବିଜୟରାମ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଶିକ୍ଷକ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଭାବ ରହିଛି। ଅଭିଭାବକ କମିଟିର ଅନୁରୋଧ ସତ୍ତ୍ୱେ ଉକ୍ତ ପଦବୀ ପୂରଣ ପାଇଁ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ସୋମବାର ଅଭିଭାବକ କମିଟି ସଭ୍ୟ କଣ୍ଟାପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ତୁରନ୍ତ ଉକ୍ତ ପଦବୀ ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଚଳିତ ମାସରେ ଜଣେ କିମ୍ବା ୨ଜଣ ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟକୁ ପଠାଯିବ ବୋଲି ବିଇଓ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।



























